# ୨୪

# ଉତ୍ତମ ଶାସନ

ଆମେ ପ୍ରତ୍ୟେକେ ଆଶ ପୋଷଣକରୁ ଯେ ଆମର ସରକାର ଉତ୍ତମ ଏବଂ ଦକ୍ଷ ହେବା ଉଚିତ୍ । ବାସ୍ତବିକ୍ ଆମେ ମଧ୍ୟ ଜାଣୁ ଯେ ନିରାପଦ ଓ ସୁଖୀ ଜୀବନ ପାଇଁ ଅବସ୍ଥା ସୃଷ୍ଟି କରିବା ପାଇଁ ରାଷ୍ଟ୍ରର ସୃଷ୍ଟି ହୋଇଥିଲା । ଯେପର୍ଯ୍ୟନ୍ତ ଏହା ଜୀବନର ଗୁଣାତ୍ମକମାନ ରକ୍ଷା କରିବାରେ ସମର୍ଥ ରହିବ ସେ ପର୍ଯ୍ୟନ୍ତ ନିଜ ସ୍ଥିତିର ଯଥାର୍ଥତା ପ୍ରତିପାଦନ କରିପାରିବ । କୌଟିଲ୍ୟଙ୍କ ମତରେ ପ୍ରଜାମାନଙ୍କର ପାର୍ଥିବ, ମାନସିକ, ନୈତିକ ଓ ସାଂସ୍କୃତିକ ମଙ୍ଗଳ ସାଧନ ସରକାରଙ୍କର ପରମ କର୍ତ୍ତବ୍ୟ । ଏହି ପରିପ୍ରେକ୍ଷୀରେ ରାଜନୀତି ବିଜ୍ଞାନ ଅଧ୍ୟୟନରେ ଉତ୍ତମ ଶାସନ ବିଷୟରେ ଅଧ୍ୟୟନ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏହି ବିଷୟଟି ଉତ୍ତମ ଶାସନ, ଉତ୍ତମ ଶାସନର ଅନ୍ତରାୟ ଏବଂ ଏହି ଅନ୍ତରାୟକୁ ଦୂର କରିବା ପାଇଁ ପଦକ୍ଷେପ ଉପରେ ଆଲୋକପାତ କରିବ । ଏହାଛଡ଼ା ଉତ୍ତମ ଶାସନ ପ୍ରତିଷ୍ଠା ଦିଗରେ ନାଗରିକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିବ ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ିଲା ପରେ ଜଣେ

- ଉତ୍ତମ ଶାସନ କ'ଣ ଏହା ବୁଝାଇବା ପାଇଁ ସମର୍ଥ ହେବ ।
- ଉତ୍ତରଦାୟିତ୍ୱ, ସ୍ୱଚ୍ଛତା ଭଳି ଉତ୍ତମ ଶାସନର ବିଶେଷତ୍ୱ ଗୁଡ଼ିକୁ ବର୍ଣ୍ଣନା କରିବାରେ ସକ୍ଷମ ହେବ ।
- ଦୁର୍ନୀତି, ଜନସଂଖ୍ୟା ବୃଦ୍ଧି ଓ ହିଂସାର ବାତାବରଣ ଭଳି ଉତ୍ତମ ଶାସନର ପ୍ରମୁଖ ଅନ୍ତରାୟଗୁଡ଼ିକ ବିଷୟରେ ଆଲୋଚନା କରିପାରିବ ।
- ଉତ୍ତମ ଶାସନ ପ୍ରଣାଳୀରେ ନାଗରିକର ଭୂମିକା ବୁଝିପାରିବ ।
- କମ୍ପ୍ୟୁଟର ବ୍ୟବହାର, ସୂଚନା ଅଧିକାର ଏବଂ ନାଗରିକ-ଅଧିକାର ଭଳି ଉତ୍ତମ ଶାସନର ସ୍ଥାପନା ଦିଗରେ ସହାୟକ ପ୍ରଣାଳୀଗୁଡ଼ିକ ବିଷୟରେ ବର୍ଣ୍ଣନା କରିପାରିବ ।

## ୨୪.୧ ଉତ୍ତମ ଶାସନର ଅର୍ଥ

ଉତ୍ତମ ଶାସନର ଅର୍ଥ ବୁଝିବାକୁ ହେଲେ ଆମକୁ ଶାସନର ଅର୍ଥ ଜାଣିବାକୁ ହେବ । ଶାସନ କ'ଣ ? ଯେଉଁ କ୍ଷମତା ଓ କର୍ତ୍ତୃତ୍ୱକୁ ବ୍ୟବହାର କରି ସରକାରରେ ଥିବା ବ୍ୟକ୍ତି ବିଭିନ୍ନ ସାମଗ୍ରୀ ଓ ସେବା ସର୍ବସାଧରଣଙ୍କୁ ଯୋଗାଇ ସେମାନଙ୍କର ଚାହିଦା ପୂରଣ କରିଥାନ୍ତି ତାକୁ ଶାସନ କୁହାଯାଏ । ଏଣୁ ଯେଉଁ କ୍ଷମତା, କୌଶଳ, ନୀତି, ଯୋଜନା ଓ ପ୍ରକଳ୍ପ ଜୀବନର ମାନ ବୃଦ୍ଧିରେ ସହାୟକ ହୋଇଥାଏ ତାହା ସହିତ ଶାସନ ଜଡ଼ିତ । ଲୋକମାନେ ଚାହାନ୍ତି ଯେ ସେମାନଙ୍କର ସରକାର ଅଳ୍ପ ମୂଲ୍ୟ ଓ ବିନିଯୋଗରେ ଅଧିକ ଫଳାଫଳ ଆଣିବା ଦରକାର । ଲୋକମାନଙ୍କର ସମ୍ମତି, ବୈଧତା ଓ ଦାୟିତ୍ୱ ଉପରେ ପର୍ଯ୍ୟବସିତ ସରକାରଙ୍କର ନିଷ୍ପତ୍ତି ଓ କାର୍ଯ୍ୟ ସୁଶାସନ ପ୍ରତିଷ୍ଠା କରିପାରିବ । ଏଣୁ ସୁଶାସନ ଉଚ୍ଚକୋଟୀର ଗୁଣ ସମ୍ପନ୍ନ ଶାସନ ସହିତ ଜଡ଼ିତ । ସମାଜର





ପ୍ରତ୍ୟେକ ସ୍ତରର ବ୍ୟକ୍ତିମାନେ ସରକାରଙ୍କୁ ଏହାର ଶାସନ ମାଧ୍ୟମରେ ହିଁ ବିଚାର କରିଥାନ୍ତି । ଆଗରୁ ବଳପ୍ରୟୋଗକାରୀ ରାଷ୍ଟ୍ରକୁ ଉତ୍ତମ ଶାସନର ଏକ ଫଳପ୍ରସୂ ମାଧ୍ୟମ ଭାବରେ ଗ୍ରହଣ କରାଯାଉଥିଲା । ପୁରାତନ ଓ ମଧ୍ୟଯୁଗୀୟ ଭାରତରେ ସେଚ୍ଛାଚାରୀ ହେଲେ ମଧ୍ୟ ରାଜାଙ୍କୁ ବିବେକୀ ଓ ପ୍ରଜାବତ୍ସଳ ବୋଲି କୁହାଯାଉଥିଲା ।

ଆଧୁନିକ ଯୁଗରେ ଜ୍ଞାନୀ ନାଗରିକତ୍ୱ ଏବଂ ଉତ୍ତରଦାୟୀ ଓ ସାମ୍ବିଧାନିକ ସରକାରଙ୍କୁ ସୁଶାସନ ବୋଲି ଧରି ନିଆଯାଏ । ଏବେ ସୁଶାସନ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ ମୂଳକ ଧାରଣା । କେବଳ ପ୍ରଶ୍ନ ହେଉଛି ଯେ ପ୍ରଗତି କିପରି ସାଧିତ ହେବ? ଏବଂ ଏ ନେଇ ତର୍କବିତର୍କ ଚାଲିଛି । ଏହା ଏକ ସର୍ବଜନହିତକାରକ ଓ ସକାରାତ୍ମକ ଧାରଣା । ଏହା ପ୍ରଗତିର ଧାରାରେ ସମସ୍ତଙ୍କୁ ସାମିଲ କରେ । ଏହା କେବଳ ଲୋକମାନଙ୍କ ପାଇଁ ନୁହେଁ, ଏହା ଲୋକକୈନ୍ଦ୍ରିକ ମଧ୍ୟ । ଏହା ସକାରାତ୍ମକ ହୋଇଥିବା ହେତୁ ପ୍ରଗତି ପାଇଁ ନୂତନ କୌଶଳ, ଜ୍ଞାନ ଓ ସମର୍ଥନ (Support) ସୃଷ୍ଟି କରେ । ଆସ ସୁଶାସନର ବୈଶିଷ୍ଟ ବିଷୟରେ ଆଲୋଚନା କରିବା ।

## ୨୪.୨ ସୁଶାସନର ବୈଶିଷ୍ଟ୍ୟ

ସୁଶାସନ ସଂପର୍କୀୟ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେ ଏହାର ମୌଳିକ ଉପାଦାନ କଣ? ଏ ବିଷୟରେ ଅନେକ ରିପୋର୍ଟ ପ୍ରକାଶ ପାଉଛି ଏବଂ ଅନେକ ଅଧ୍ୟୟନ କରାଯାଉଛି । ଉଦାହରଣତଃ, କୌଟିଲ୍ୟଙ୍କ ମତରେ ନିମ୍ନୋକ୍ତ ବିଶେଷତ୍ୱ ଗୁଡ଼ିକ ସୁଶାସନରେ ପରିଲକ୍ଷିତ ।

- ଆଇନ ଶୃଙ୍ଖଳା
- ଲୋକଙ୍କର ଯତ୍ନ ନେଉଥିବା ଶାସନ
- ନ୍ୟାୟ ଓ ବିଚାର ବୁଦ୍ଧି ଆଧାରିତ ନିଷ୍ପତ୍ତି
- ଦୁର୍ନିତିମୁକ୍ତ ଶାସନ

ବିଶ୍ୱବ୍ୟାଙ୍କର ୧୯୮୯ ଓ ୧୯୯୨ ମସିହାର ରିପୋର୍ଟ, ବିଶ୍ୱଶାସନ ସଂପର୍କରେ ଅର୍ଥନୈତିକ ସହଯୋଗ ଓ ଉନ୍ନୟନ (OECD) ଆୟୋଗ (୧୯୯୫) ମିଳିତ ଜାତିସଂଘ ଉନ୍ନୟନ ପ୍ରୋଗ୍ରାମ (UNDP) ୧୯୯୭, ଏସମସ୍ତ ଉତ୍ତମଶାସନର ଉପାଦାନ ବିଷୟରେ ବିସ୍ତୃତଭାବରେ ଆଲୋଚନା କରିଛନ୍ତି । ଏସୀୟ ଉନ୍ନୟନ ମୌଳିକ ରିପୋର୍ଟରେ ଅତିସ୍ୱଷ୍ଟ ଭାବରେ ଏ ସଂପର୍କରେ କିଛି ପ୍ରଶ୍ନ ଉତ୍‌ଥାପିତ ହୋଇଛି ।

- ଲୋକମାନେ ଶାସନରେ ସଂପୂର୍ଣ୍ଣଭାବରେ ଅଂଶ ଗ୍ରହଣ କରୁଛନ୍ତି କି?
- ଲୋକମାନଙ୍କୁ ସଂପୂର୍ଣ୍ଣ ସୂଚନା ପ୍ରଦାନ କରାଯାଉଛି କି?
- ଲୋକମାନେ ନିଷ୍ପତ୍ତି ଗ୍ରହଣ କରୁଛନ୍ତି କି? କିମ୍ବା ସେମାନଙ୍କ ନିକଟରେ ନିଷ୍ପତ୍ତିଗ୍ରହଣକାରୀମାନେ ଉତ୍ତର ଦାୟୀ କି?
- ଶାସନରେ ପୁରୁଷମାନଙ୍କ ସହିତ ନାରୀମାନେ ସମାନ କି?
- ଗରିବ ଓ ଅବହେଳିତ ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରାଯାଉଛି କି?
- ମାନବିକ ଅଧବକାରକୁ ସମ୍ମାନ ଦିଆଯାଉଛି କି?
- ଏବର ନୀତି ନିର୍ଦ୍ଧାରଣ ସମୟରେ ଭବିଷ୍ୟତ ବଂଶଧରଙ୍କର ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉଛି କି?
- ଲୋକମାନଙ୍କର ନିଜର ଶାସନ ସଂରଚନା ଅଛି କି?

## ୨୪.୨.୧ ଉତ୍ତର ଦାୟିତ୍ୱ

ଶାସନରେ ଥିବା ବ୍ୟକ୍ତିମାନେ ଯେ ଲୋକମାନଙ୍କ ପାଖରେ ଉତ୍ତରଦାୟୀ ରହିବେ ଏଥିରେ ଦ୍ୱିମତ ନାହିଁ । ଏହି ଉତ୍ତରଦାୟିତ୍ୱର ଅର୍ଥ ହେଲା ଶାସକଗୋଷ୍ଠୀ ଏହାର ପ୍ରତ୍ୟେକ କାର୍ଯ୍ୟ କଳାପ ପାଇଁ ଦାୟୀ ରହିବ । ଏକ ସଂସଦୀୟ ବ୍ୟବସ୍ଥାରେ ପ୍ରଶ୍ନ, ତର୍କବିତର୍କ, ଆଲୋଚନା, ବଜେଟ ଅନୁମୋଦନ, କମିଟି ଏବଂ ଏହିପରି ଅନେକ ପନ୍ଥା ମାଧ୍ୟମରେ ସଂସଦ ଏହା କାର୍ଯ୍ୟକାରୀ କରିଥାଏ । କାର୍ଯ୍ୟପାଳିକା ଲୋକପ୍ରତିନିଧିଙ୍କ ଜରିଆରେ ଲୋକମାନଙ୍କ ପାଖରେ ନିଜର କାର୍ଯ୍ୟପାଇଁ ଦାୟୀ ରୁହନ୍ତି । କିନ୍ତୁ ଏହି ବ୍ୟବସ୍ଥା ଅନେକ କାରଣବଶତଃ କାର୍ଯ୍ୟକାରୀ ହୋଇପାରୁନାହିଁ । ସେ କାରଣଗୁଡ଼ିକ ହେଲା — ଲୋକପ୍ରତିନିଧି ଓ ସେମାନଙ୍କର ତର୍କର ଗୁଣାତ୍ମକ ଅବକ୍ଷୟ, ସଂସଦୀୟ ବ୍ୟବସ୍ଥାର କ୍ୟାବିନେଟ ବ୍ୟବସ୍ଥାକୁ ପରିବର୍ତ୍ତନ, ରାଜନୀତିର ଅପରାଧିକରଣ ଏବଂ ସମାଜ ଓ ରାଜନୀତିର ବିଖଣ୍ଡନ ଇତ୍ୟାଦି । ଦ୍ୱିତୀୟତଃ, ସରକାରୀ ନିଷ୍ପତ୍ତି ବା ଆଇନର ନ୍ୟାୟିକ ପୁନରାବଲୋକନ ଦ୍ୱାରା ଉତ୍ତରଦାୟିତ୍ୱବୋଧକୁ କାର୍ଯ୍ୟକାରୀ କରାଯାଏ । ଜନସ୍ୱାର୍ଥ ମାମଲା (PIL) ମାଧ୍ୟମରେ ନାଗରିକମାନେ ସାଧାରଣ ଜୀବନକୁ ପ୍ରଭାବିତ କରୁଥିବା ବିଷୟ ଗୁଡ଼ିକରେ କ୍ଷିପ୍ର ପଦକ୍ଷେପ ପାଇଁ ନ୍ୟାୟପାଳିକାର ମତାମତ ଚାହିଁଥାନ୍ତି । ନିଉଜିଲ୍ୟାଣ୍ଡ, କାନାଡ଼ା, ଅଷ୍ଟ୍ରେଲିଆ ଓ ଭାରତ ଭଳି ଦେଶ ମାନଙ୍କରେ ଏହି ବ୍ୟବସ୍ଥା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କାର୍ଯ୍ୟକାରୀ ହେଉଛି । ଅଧୁନା ନାଗରିକ ଘୋଷଣାନାମା (Citizens Charter) ମାଧ୍ୟମରେ ଏହାକୁ ଫଳପ୍ରଦଭାବରେ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା, ଅମଲାତନ୍ତ୍ର ସଂସ୍କୃତିରେ ପରିବର୍ତ୍ତନ ଅଣାଯାଇଛି । ସେମାନଙ୍କ ମଧ୍ୟରେ ଥିବା ପିତୃକୈନ୍ଦ୍ରିକ, ଅଣଦେଖା, ଅବହେଳା, ଅନାଗ୍ରହ ପୂର୍ଣ୍ଣ ମନୋଭାବ ବଦଳରେ ଲୋକାଭିମୁଖୀ ମନୋଭାବ ସୃଷ୍ଟି କରାଯାଇଛି । ଅମଲାତନ୍ତ୍ରରେ ପୁରୁଣା ସାମନ୍ତବାଦୀ ମୂଲ୍ୟବୋଧ ବଦଳରେ ଆଧୁନିକ ଗଣତାନ୍ତ୍ରିକ ମୂଲ୍ୟବୋଧ ଆସିବା ଜରୁରୀ । ଏହି ଦାୟିତ୍ୱ ସମ୍ପନ୍ନ ଶାସନ ବ୍ୟବସ୍ଥାରେ ଅମଲାତାନ୍ତ୍ରିକ କର୍ମଚାରୀଙ୍କ ମଧ୍ୟରେ ନିମ୍ନଲିଖିତ ବ୍ୟାବହାରିକ ଓ କାର୍ଯ୍ୟ – ସଂପର୍କିତ ଗୁଣ ଆଶା କରାଯାଏ ।

- ଉଦ୍ଦେଶ୍ୟସାଧନାଭିମୁଖୀ ବ୍ୟବହାର
- କର୍ତ୍ତୃତ୍ୱର ସଦୁପାୟରେ ବିନିଯୋଗ
- ଲୋକମାନଙ୍କର ସୁଖ ସମୃଦ୍ଧି ପାଇଁ ପ୍ରଚେଷ୍ଟା
- ନିଷ୍ପତ୍ତିକୁ ଆଧାର କରି ବିଚାର ବୁଦ୍ଧି ଓ ଅଭିଜ୍ଞତାର ପ୍ରୟୋଗ
- କର୍ତ୍ତବ୍ୟରେ ଅବହେଳାକୁ ଚିହ୍ନଟ କରିବା ଓ ଦଣ୍ଡ ପ୍ରଦାନ କରିବା
- ନୀତି ଓ ଯୋଜନାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା
- ଦାମ୍ଭିକତା, ବନ୍ଧୁତା ଓ ଏକାଗ୍ରତା ସହିତ ଅନ୍ୟମାନଙ୍କ ସହିତ ଆଚାର ବ୍ୟବହାର କରିବା
- କାର୍ଯ୍ୟଶୈଳୀରେ ପଟୁତା ଓ ସଫଳତାର ସହିତ ଗୋଟିଏ କାର୍ଯ୍ୟ କରିବାର କ୍ଷମତା ।

ପ୍ରତ୍ୟେକ ଦେଶରେ ଏକ ଦାୟିତ୍ୱସମ୍ପନ୍ନ ଶାସନ ପ୍ରତିଷ୍ଠା କରିବା ପାଇଁ ଅନେକ ଆନୁଷ୍ଠାନିକ ଓ ଆଇନଗତ ବ୍ୟବସ୍ଥା କରାଯାଇଥାଏ । ଉଦାହରଣ ସ୍ୱରୂପ ଆମ ଭାରତବର୍ଷରେ କେନ୍ଦ୍ରୀୟ ସତର୍କତା ଆୟୋଗ, ଜାତୀୟ ମହିଳା ଆୟୋଗ, ଅନୁସୂଚିତ ଜନଜାତି ଓ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ପାଇଁ ଆୟୋଗ, ଶ୍ରମ ଆୟୋଗ, ଜାତୀୟ ମାନବାଧିକାର ଆୟୋଗ, ନିୟନ୍ତ୍ରକ ଓ ମହାହିସାବରକ୍ଷକଇ ତ୍ୟାଦି ଅନୁଷ୍ଠାନ ରହିଛି । ଏମାନେ ଶାସନତନ୍ତ୍ରରେ ସାମାଜିକ, ଆଇନଗତ ଓ ସାମ୍ବିଧାନିକ ପ୍ରଣାଳୀ ଅନୁସୃତ କରନ୍ତି । ଏମାନେ ଶାସନତାନ୍ତ୍ରିକ ପାତର ଅନ୍ତର ମନୋଭାବ, ଦୁର୍ନୀତି, ବାସନ୍ଦ ଓ ଗୁପ୍ତତାକୁ ଦୂରକରିଥାନ୍ତି ଏବଂ ଧନୀ – ଗରିବ, ପୁରୁଷ –ସ୍ତ୍ରୀ





ନିର୍ବିଶେଷରେ ସ୍ୱଚ୍ଛ ଶାସନ ଯୋଗାଇଥାନ୍ତି ଏବଂ ଲୋକମାନଙ୍କର ଅଭିଯୋଗକୁ ଶୁଣି ତାହାର ସମାଧାନ କରନ୍ତି । ଏହାଦ୍ୱାରା ସରକାରୀ ଚାକିରିଆମାନଙ୍କ ମଧ୍ୟରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଥାଏ । ସରକାରୀ କଳରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହା ବଳରେ ଶାସନରେ ପ୍ରକୃତ ଦାୟିତ୍ୱବୋଧଭାବ କାର୍ଯ୍ୟକାରୀ ହେବ ।

**ନିମ୍ନୋକ୍ତ ବିଷୟ ପ୍ରତି ଦୃଷ୍ଟି ଦିଆଯାଇପାରେ :**

- ଉଦ୍ଦେଶ୍ୟ ଭିତ୍ତିକ ପରିଚାଳନା (MBO)
- ସାଧାରଣ ଅଭିଯୋଗର ଶୁଣାଣି ଓ ନିରାକରଣର ବ୍ୟବସ୍ଥା
- ସୂଚନା ଅଧିକାରକୁ ସମ୍ମାନ ଦେବା
- ଇ – ଶାସନ (E - Governance) ଏବଂ ସୂଚନା କାରିଗରୀ କୌଶଳର ବ୍ୟବହାର
- ଗଣତାନ୍ତ୍ରିକରଣ ଓ କ୍ଷମତାର ବିକେନ୍ଦ୍ରୀକରଣ
- ଅନୁନ୍ନତ ଗୋଷ୍ଠୀ, ବିଶେଷକରି ମହିଳା ମାନଙ୍କର ସଶକ୍ତିକରଣ
- ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟରେ ସୁସ୍ଥ ପ୍ରତିଯୋଗିତା
- ଅନେକ ଆଇନ ଓ ନିୟମକାନୁନର ପୁନରାବଲୋକନ

ସ୍ଥାନୀୟ ସ୍ୱାୟିତ୍ତଶାସନ ସ୍ତରରେ ଦାୟିତ୍ୱବୋଧତାର ପ୍ରତିଷ୍ଠା ପାଇଁ ଓ ଅନୁନ୍ନତ ଗୋଷ୍ଠୀର ସଶକ୍ତିକରଣ ପାଇଁ ଭାରତର ସଂସଦୀୟ ୧୯୯୨ ମସିହାରେ ୭୩ତମ ଓ ୭୪ତମ ସଂଶୋଧନ ଆଇନ ଗୃହୀତ ହୋଇଥିଲା । ଏଥିରେ ମହିଳାଙ୍କ ପାଇଁ ଶତକଡ଼ା ୩୩.୩ ସଂରକ୍ଷଣ ଏବଂ ଅନୁସୂଚିତ ଜାତି ଓ ଜନଜାତି ପାଇଁ ତାଙ୍କର ଜନସଂଖ୍ୟା ଅନୁପାତୀୟ ସଂରକ୍ଷରର ବ୍ୟବସ୍ଥା ରହିଛି । ତାଛଡ଼ା ଉନ୍ନୟନ ଯୋଜନାର ବିକେନ୍ଦ୍ରୀକରଣ, ଆର୍ଥିକ କ୍ଷମତାର ଅଭିବୃଦ୍ଧି ଓ ସମର୍ଥନ ମାଧ୍ୟମରେ ସ୍ଥାନୀୟ ସ୍ୱାୟତ୍ତଶାସନ ଓ ଗଣତାନ୍ତ୍ରିକରଣକୁ ଉନ୍ନୟନ ଶାସନର ମାନଦଣ୍ଡ ହିସାବରେ ଗ୍ରହଣ କରାଯାଇଛି । ଏତଦ୍‌ବ୍ୟତୀତ କେନ୍ଦ୍ର ସରକାରଙ୍କର ୭୯ଟି ବିଭାଗ ନାଗରିକ ଖସଡ଼ା (Citizen’s Charter) ବ୍ୟବସ୍ଥା ଅନୁସରଣ କରିଛନ୍ତି । ଏହି ଖସଡ଼ାରେ ନିମ୍ନୋକ୍ତ ବିଷୟ ସ୍ଥାନ ପାଇଛି ।

- ସେବା ପାଇଁ ସମୟସୀମା ଓ ମାନ
- ଅଭିଯୋଗ ଶୁଣାଣି ଓ ତାର ନିରାକରଣ ବ୍ୟବସ୍ଥା
- ନାଗରିକ – ଖସଡ଼ା (Citizen Charter) କୁ କାର୍ଯ୍ୟକାରୀ କରିବା ପାଇଁ ପରିଚାଳନା (monitoring) ଓ ସ୍ୱାଧୀନ ଯାଞ୍ଚର ବ୍ୟବସ୍ଥା ରହିଛି ।

ସରକାରୀ ଅଧିକାରୀମାନଙ୍କ ନିକଟରେ ପହଞ୍ଚିପାରୁନଥିବା ଯୋଗୁ, ମାମଲା ବିଚାରର ନିର୍ଦ୍ଦିଷ୍ଟ ସମୟସୀମା ନଥିବା ହେତୁ କିମ୍ବା ସରକାରୀ କର୍ମଚାରୀଙ୍କର ଉଦାସୀନତା ଜନିତ ଜନ ଅଭିଯୋଗର ଶୁଣାଣି କରିବା ପାଇଁ ଅନେକ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ସଂସ୍ଥା ଗଠନ କରିଛନ୍ତି । ମୁକ୍ତ ଓ ସ୍ୱଚ୍ଛ ବ୍ୟବସ୍ଥା ସହିତ ଉତ୍ତରଦାୟିତ୍ୱବୋଧ ସଂଶ୍ଳିଷ୍ଟ । ଯଦି ନିଷ୍ପତ୍ତିଗୁଡ଼ିକ ସ୍ୱଚ୍ଛ ଓ ମୁକ୍ତ ଭାବରେ ନିଆନ ଯାଏ ତେବେ ଜଣେ ସେହିପ୍ରକାର ନିଷ୍ପତ୍ତିର ନିରପେକ୍ଷତାକୁ ପ୍ରଶ୍ନ କରି ପାରିବ । ନାଗରିକମାନଙ୍କ ସହିତ ବ୍ୟବହାର କଲାବେଳେ ପକ୍ଷପାତିତା ଓ ଅବାଞ୍ଛିତ ଅନୁକମ୍ପା କରିବା ପାଇଁ କ୍ଷେତ୍ର ସଂକୁଚିତ ହେବା ବିଧେୟ । ଶାସନରେ ଉନ୍ନତତା ଆଣିବା ପାଇଁ ଭାରତର ସଂସଦ ସୂଚନା ଅଧିକାର ଆଇନ ପ୍ରଣୟନ କରିଛନ୍ତି । ସୂଚନା ପ୍ରଦାନ ପାଇଁ ଓ ଅଭିଯୋଗ ଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗ କାଉଣ୍ଟର ଖୋଲିଛନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୪.୧

**ଶୂନ୍ୟସ୍ଥାନ ପୂରଣ କର ।**

୧। ଲୋକମାନଙ୍କ ଜୀବନର ________ ବର୍ଦ୍ଧନ ପାଇଁ ଶାସନ ________ ତିଆରି କରିବା ପାଇଁ ଚିନ୍ତିତ ଅଟନ୍ତି । (କୌଶଳ/ ରାଜସ୍ୱ ଆଦାୟର ଯୋଜନା / ଗୁଣ ପରିବାର ସଂପର୍କ)

୨। କୌଟିଲ୍ୟଙ୍କ ସୁଶାସନର ଯୋଜନା ________ ଶାସନ ଉପରେ ପର୍ଯ୍ୟବେସିତ ।

(ପ୍ରଜାବତ୍ସଳ / କର୍ତ୍ତୃତ୍ୱବାଦୀ ଓ ଯଥେଚ୍ଛାଚାରୀ)

୩। ________ ର ପ୍ରକାଶନ ସହିତ ସୁଶାସନର ଧାରଣା ଶାସନସମ୍ବନ୍ଧୀୟ ଆଲୋଚନାରେ ଆଦୃତ ହୋଇଥିଲା । (ବିଶ୍ୱବ୍ୟାଙ୍କ ରିପୋର୍ଟ ୧୯୮୯ ଓ ୧୯୯୨ / ମାକିଆଭେଲିଙ୍କ 'ଦି ପ୍ରିନିସ୍ )

୪। ________ ଉପରେ ପର୍ଯ୍ୟବସିତ ଶାସନ ହିଁ ସୁଶାସନ ।
(ଲୋକଙ୍କ ସମ୍ମତି / ଅମଲାତନ୍ତ୍ରର ଅଭିଭାବକତ୍ୱ)

---

## ୨୪.୩ ସୁଶାସନରେ ଅନ୍ତରାୟ

ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଦେଶମାନେ ସୁଶାସନ ପ୍ରତିଷ୍ଠା ଦିଗରେ ଯତ୍ନଶୀଳ ଅଟନ୍ତି, ହେଲେ ସେମାନଙ୍କ ପାଇଁ ସେମାନଙ୍କ ନାଗରିକମାନଙ୍କ ଉଦ୍ଦେଶ୍ୟରେ ଏକ ନ୍ୟାୟସଂଗତ ସମାନ ଓ ସ୍ୱାଧୀନ ସାମାଜିକ ଶୃଙ୍ଖଳା ଯୋଗାଇବା କଷ୍ଟସାଧ୍ୟ ହୋଇପଡ଼ିଛି । ତେବେ ଉତ୍ତମ ଶାସନରେ କେଉଁ ଉପାଦାନ ଗୁଡ଼ିକ ସମସ୍ୟା ସୃଷ୍ଟି କରୁଛନ୍ତି ? ଉଦ୍ଦେଶ୍ୟ ସାଧନଦିଗରେ ବିଫଳତା ପାଇଁ ଅନେକ ଉପାଦାନ ଦାୟୀ । ହେଲେ ସୁଶାସନରେ କୁଠାରଘାତ କରୁଥିବା ପ୍ରଧାନ ଉପାଦାନ ଗୁଡ଼ିକ ହେଲା —

(କ) ଦୁର୍ନୀତି
(ଖ) ଜନସଂଖ୍ୟା ବୃଦ୍ଧି
(ଗ) ହିଂସାର ଅପସଂସ୍କୃତି

### ୨୪.୩.୧ ଦୁର୍ନୀତି

ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନା ପାଇଁ କର୍ତ୍ତୃତ୍ୱର ବେଆଇନ ଅପବ୍ୟବହାରକୁ ଦୁର୍ନୀତି କୁହାଯାଏ । ଏହି ଦୁର୍ନୀତି ଏକ ସାର୍ବଜନୀନ ବ୍ୟାଧି ଯାହାକି ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଲୋକ ଓ ସରକାରର କ୍ଷତି ଘଟାଉଛି । ଭାରତ ଭଳି ଦେଶମାନଙ୍କରେ ଏହା କର୍କଟବ୍ୟାଧି ପରି କାୟା ବିସ୍ତାର କରିଛି । କୌଟିଲ୍ୟଙ୍କ ସମୟରୁ ନୀତି ଓ ସାଧୁତା ଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମୟେ ସମୟେ ରାଜନୈତିକ ନେତାମାନେ ଦୁର୍ନୀତିକୁ ରୋକିବାରେ ବିଫଳ ହୋଇଥାନ୍ତି ଏବଂ ଯୁକ୍ତିବାଢ଼ିଥାନ୍ତି ଯେ ଦୁର୍ନୀତି ଏକ ବିଶ୍ୱବ୍ୟାପୀ ଘଟଣା । ହେଲେ ଦୁର୍ନୀତିର ପ୍ରଶ୍ନକୁ ପୂର୍ବାପେକ୍ଷା ଗରୁତ୍ୱର ସହିତ ବିଚାର କରାଯାଉଛି । ଏବେ ଅନେକ ଦୁର୍ନୀତିର ଘଟଣା ପଦାକୁ ଆସୁଛି । ଏବଂ ଇଚ୍ଛାଶକ୍ତି ସହ ରାଜନୈତିକ, ଆର୍ଥିକ, ନୈତିକ ଓ ଶାସନଗତ ଦୁର୍ନିତୀର ମୁକାବିଲା ନ କରାଗଲେ ଦୁର୍ନୀତି ବିପକ୍ଷରେ କୌଣସି ପଦକ୍ଷେପ ସଫଳକାମୀ ହେବନାହିଁ । ସୁଶାସନରେ ଦୁର୍ନୀତୀର ମୁକାବିଲା କରିବା ପାଇଁ ନିମ୍ନୋକ୍ତ ପଦକ୍ଷେପ ନେବା ଆବଶ୍ୟକ ।

- ରାଜନୀତିଜ୍ଞ ଅମଲାତନ୍ତ୍ର ଓ ଅପରାଧୀ ମାନଙ୍କ ମଧ୍ୟରେ ଥିବା ସଲାସୁତରାକୁ ଭାଙ୍ଗିବାକୁ ପଡ଼ିବ ।
- ଏକ ଫଳପ୍ରସୂ ନ୍ୟାୟ ଶାସନ ପ୍ରତିଷ୍ଠା କରିବା ଆବଶ୍ୟକ ।



- କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ସ୍ତରରେ ଜନସ୍ୱାର୍ଥ ମାମଲାର ବିଚାର ପାଇଁ ଅଦାଲତ ପ୍ରତିଷ୍ଠା ହେବା ଦରକାର ।
- ସୂଚନା ଅଧିକାରକୁ ଅଧିକ କାର୍ଯ୍ୟକ୍ଷମ କରିବା ଦରକାର ।
- ସ୍ୱୟଂଶାସନ, କୌଶଳ ମନୋଭାବର ପରିବର୍ତ୍ତନ ଓ ସାମାଜିକ ସମସ୍ୟା ସଂପର୍କରେ ସଚେତନତାକୁ ଦୃଷ୍ଟିରେ ରଖି ଆଇନ କାର୍ଯ୍ୟକାରୀ ସଂସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ ।
- ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ବିପକ୍ଷରେ ଅଭିଯୋଗ ଫର୍ଦ୍ଦ ଦାଖଲ ହେଲାପରେ ପରେ ତାର ସମସ୍ତ ସଂପତ୍ତିକୁ ବାଜ୍ୟାପ୍ତ କରାଯିବା ଦରକାର । ସେ ବ୍ୟକ୍ତି ଦୋଷଯୁକ୍ତ ବୋଲି ସାବ୍ୟସ୍ତ ହେଲାପରେ ଏହି ସଂପତ୍ତିକୁ ତାକୁ ଦିଆଯାଇପାରେ ।
- ନିୟମ କାନୁନ ଓ କାର୍ଯ୍ୟଶୈଳୀର ସରଳୀକରଣ ମାଧ୍ୟମରେ ଅମଲାତନ୍ତ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକ ।
- 'ଆଇନ ଶାସନ' ବ୍ୟବସ୍ଥା ସପକ୍ଷରେ ସମାଜକୁ ଚାଳିତ କରାଯିବା ଆବଶ୍ୟକ ।
- ସରକାରୀ ସଂସ୍ଥାରେ ପକ୍ଷପାତିତା ଓ ପାତରଅନ୍ତର ଭାବନାର ଅନ୍ତ ହେବା ଦରକାର ।

## ୨୪.୩.୨ ଜନସଂଖ୍ୟା ବୃଦ୍ଧି

କେବଳ ଫଳପ୍ରସୂ ଆଇନ ପ୍ରଣାଳୀ ଓ ଅଭ୍ୟାସ ଅନୁସୃତ କରିଦେଲେ ସୁଶାସନର ପ୍ରତିଷ୍ଠା ହୋଇଯାଏ ନାହିଁ । ଏହା ସମାଜର ସମସ୍ତ ବ୍ୟକ୍ତିଙ୍କର ଉପକାର ପାଇଁ ସାମାଜିକ ଓ ଆର୍ଥିକ ସମ୍ବଳର ବିନିଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଏ । ହେଲେ ଆମେ ଲକ୍ଷ୍ୟ କରିବା ଯେ ଏବେ ସମସ୍ତ ଉନ୍ନୟନ ମୂଳକ ପ୍ରଚେଷ୍ଟା, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତାର ଦୂରୀକରଣରେ ବିଫଳ ହୋଇଛି । ଏପରିକି ଲୋକମାନଙ୍କୁ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ପାଣି ଓ ବାସଗୃହ ଯୋଗାଯାଇ ପାରିନାହିଁ । ସ୍ୱାଧିନତା ସମୟରେ ଥିବା ୩୫କୋଟି ଜନତାଙ୍କ ସଂଖ୍ୟା ବଢ଼ି ବଢ଼ି ଏବେ ୧୦୦କୋଟିରୁ ଅଧିକ ହେଲାଣି । ଏବଂ ଏହା ଏବେ ଚିନ୍ତାର କାରଣ ହେଲାଣି । ଯଦିଓ କେରଳ, ତାମିଲନାଡୁ, ଗୋଆ ଓ ମଣିପୁର ପରି ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଛନ୍ତି ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ବିହାର ଭଳି ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆହୁରି ଅନେକ ସମୟ ନେଇପାରନ୍ତି । ଏହି ବର୍ଦ୍ଧିତ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ଯଥେଷ୍ଟ ସମ୍ବଳର ଆବଶ୍ୟକତା ରହିଛି । ଜମି, ବାୟୁ, ଓ ଜଳ ସମ୍ପଦର ଚାହିଦା ଅନେକ ପରିମାଣରେ ବୃଦ୍ଧି ପାଇଛି । ଭାରତରେ ଯେ କୌଣସି ସରକାର ପାଇଁ ଏହି ଜନତାଙ୍କୁ ଯଥେଷ୍ଟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସୁବିଧା, ଖାଦ୍ୟ, ବାସଗୃହ ଓ ନିଯୁକ୍ତି ଯୋଗାଇବା କଷ୍ଟସାଧ ହୋଇପଡ଼ିଛି । ବଡ଼ ବଡ଼ ସହରର କଥା ଦେଖନ୍ତୁ ଏଠାରେ ଜନସଂଖ୍ୟାର ବୃଦ୍ଧି ହେତୁ ସ୍ୱାସ୍ଥ୍ୟ, ପରିମଳ, ଜଳଯୋଗାଣ, ସଡ଼କ ଓ ବିଦ୍ୟୁତ୍ ସରବରାହ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ପ୍ରକୃତପକ୍ଷେ ମୁମ୍ବାଇ, କଲିକତା ଓ ଦିଲ୍ଲୀ ପରି ମହାନଗର ମାନଙ୍କରେ ଶାସନ କଷ୍ଟସାଧ୍ୟ ହୋଇ ଯାଇଛି । କ୍ଷୀପ୍ରଭାବରେ ବଢୁଥିବା ଜନସଂଖ୍ୟା, ସୁଶାସନ ଭାଙ୍ଗିପଡ଼ିବାର ମୁଖ୍ୟ କାରଣ । ଶିକ୍ଷାର ପ୍ରସାର, ସଚେତନତା, ସ୍ୱାସ୍ଥ୍ୟଶିକ୍ଷା, ଲୋକଙ୍କର ସଂପୃକ୍ତି ଓ ଉନ୍ନୟନ ଇତ୍ୟାଦି ମାଧ୍ୟମରେ ଜନସଂଖ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ ।

## ୨୪.୩.୩ ହିଂସାର ଅପସଂସ୍କୃତି

ବେଆଇନ ବଳପ୍ରୟୋଗ ଆଇନ ଶୃଙ୍ଖଳାରେ ସମସ୍ୟା ସୃଷ୍ଟି କରିଥାଏ । ସୁଶାସନ ନୀତିର ଦୃଷ୍ଟି କୋଣରୁ ଏହାକୁ ଦେଖାଗଲେ ସ୍ପଷ୍ଟଭାବରେ ଜଣାଯାଏ ଯେ ଶାନ୍ତିଶୃଙ୍ଖଳା ପ୍ରଗତିର ପ୍ରଥମ ସୋପାନ । ଧର୍ମଘଟ, ଲୁଟତରାଜ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହିଂସାର ଅପସଂସ୍କୃତି ସୃଷ୍ଟି କରେ । ଜନସାଧାରଣଙ୍କର







ଜୀବନ ଓ ସଂପତ୍ତିର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟକଳାପ ବନ୍ଦ ହୋଇଗଲେ, ସରକାର ଆର୍ଥିକ, ସାମାଜିକ ଓ ରାଜନୈତିକ ପ୍ରଗତି ପ୍ରତି ଦୃଷ୍ଟି ଦେଇପାରିବ । ସନ୍ତ୍ରାସବାଦ ଆଇନର ଶାସନର ପ୍ରତିବିପଦ ସୃଷ୍ଟି କରେ । କାରଣ ଏହା ଆଇନକୁ ଧ୍ୱଂସକରିଥାଏ । ଏହି ସନ୍ତ୍ରାସବାଦ ପ୍ରଗତିରେ ପ୍ରତିବନ୍ଧକ । ହିଂସା ଓ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଘଟୁଥିବା ଅଞ୍ଚଳରେ କୌଣସି ଶିଳ୍ପଦ୍ୟୋଗୀ ଅର୍ଥ ବିନିଯୋଗ କରିବାରେ ଆଗ୍ରହୀ ହେବନାହିଁ । ଏଣୁ ଏହି ଅଂଚଳର ଲୋକମାନଙ୍କର ଚାକିରୀ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ ସେବାରେ ଘୋର ଅସୁବିଧା ସୃଷ୍ଟି ହେବ । ସାମାଜିକ ଜୀବନ ପ୍ରତିହତ ହେବ ଏବଂ ଲୋକମାନେ ଗୃହବନ୍ଦୀର ଜୀବନ ଯାପନ କରିବେ । ହିଂସା ଓ ସନ୍ତ୍ରାସର ଛାୟାତଳେ ରହି ଭିନ୍ନ ପ୍ରକାରର ମାନସିକ ଯନ୍ତ୍ରଣା ମଧ୍ୟରେ ଗତି କରିବେ । ଏଠାରେ ମାନବିକ ଅଧିକାର ବିଷୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସନ୍ତ୍ରାସବାଦୀମାନେ ମାନବିକ ଅଧିକାରକୁ ପ୍ରାୟତଃ ସମ୍ମାନ ଦେଖାନ୍ତି ନାହିଁ । କିନ୍ତୁ ସନ୍ତ୍ରାସବାଦୀଙ୍କ କାର୍ଯ୍ୟକଳାପ ଦମନ କରିବା ପାଇଁ ରାଷ୍ଟ୍ର ବଳପ୍ରୟୋଗ କରିବା ବେଳେ ସାଧାରଣଜନତାଙ୍କ ମାନବିକ ଅଧିକାର ରାଷ୍ଟ୍ର ଆରକ୍ଷୀବଳଦ୍ୱାରା କ୍ଷୁର୍ଣ୍ଣ ହୋଇପାରେ । ଏହି ସନ୍ତ୍ରାସବାଦର ମୁକାବିଲା କରିବାକୁ ହେଲେ ଏକ ସ୍ୱଷ୍ଟ ଦୃଷ୍ଟିକୋଣ, ସାହସ ଓ ଉତ୍ତମ ବୁଝାମଣାର ଆବଶ୍ୟକତା ରହିଛି । ଏହା ଆଇନଭଙ୍ଗକାରୀଙ୍କ ସହିତ କଥାବାର୍ତ୍ତା, ସେମାନଙ୍କର ଯଥାର୍ଥ ଅଭିଯୋଗର ଶୁଣାଣି, ପଡ଼ୋଶୀମାନଙ୍କର ଏବଂ ପ୍ରଶସ୍ତ ଆନ୍ତର୍ଜାତିକ ସରକାରର ସନ୍ତ୍ରାସବାଦକୁ ହଟାଇବାରେ ସଂପୃକ୍ତି ଦ୍ୱାରା ହିଁ ସମ୍ଭବ ହୋଇଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୪.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। ଦୁର୍ନୀତି ବ୍ୟକ୍ତିଗତ ଲାଭ ପାଇଁ କର୍ତ୍ତୃତ୍ୱର ________ ବ୍ୟବହାରକୁ ବୁଝାଏ । (ବୈଧ / ଅବୈଧ)

୨। ସାଧାରଣ ଜୀବନରେ ଦୁର୍ନିତୀ ________ ସହିତ ଜଡ଼ିତ । (ଗୁପ୍ତତା / ସଚ୍ଚୋଟତା)

୩। ________ ଦ୍ୱାରା ଦୁର୍ନୀତି କମା ଯାଇପାରେ । (ସରଳୀକରଣ / ନିୟମ କାନୁନର ପୁନର୍ନ୍ୟାସ)

୪। ________ ରେ ଜନସଂଖ୍ୟା ନିୟନ୍ତ୍ରିତ କରାଯାଇ ପାରିଛି । (ଉତ୍ତର ପ୍ରଦେଶ / କେରଳ)

୫। ହିଂସା ________ ର ସବୁଠାରୁ ବଡ଼ ଶତ୍ରୁ । (ଆଇନର ଶାସନ / ଆରକ୍ଷୀ)


## ୨୪.୪ ସୁଶାସନର ପ୍ରତିଷ୍ଠା ପାଇଁ ପଦକ୍ଷେପ

ସୁଶାସନର ପ୍ରତିଷ୍ଠା ପାଇଁ ପଦକ୍ଷେପଗୁଡ଼ିକର ଏକ ଲମ୍ବା ତାଲିକା ପ୍ରସ୍ତୁତ କରାଯାଇ ପାରିବ । ଆସ, ତନ୍ମଧ୍ୟରୁ ଦୁଇଟି ପଦକ୍ଷେପ ସଂପର୍କରେ ଆଲୋକପାତ କରିବା । ସେ ଗୁଡ଼ିକ ହେଲା ଦକ୍ଷ, ଫଳପ୍ରସୂ, ନୀତିନିଷ୍ଠ, ସ୍ୱଚ୍ଛ ଏବଂ ଆଇନକୁ ସମ୍ମାନ କରୁଥିବା ଶାସନ ବ୍ୟବସ୍ଥା ପାଇଁ ଲୋକମାନଙ୍କର ଅଂଶଗ୍ରହଣ ଓ କଂପ୍ୟୁଟର ଓ ସମ୍ବାଦ କାରିଗରୀ କୌଶଳର ବିନିଯୋଗ ।

### ୨୪.୪.୧ ସୁଶାସନ ପାଇଁ ଲୋକମାନଙ୍କର ଅଂଶଗ୍ରହଣ

ସୁଶାସନ ପାଇଁ ଲୋକମାନଙ୍କର ଅଂଶଗ୍ରହଣ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ନିଷ୍ପତ୍ତିଗ୍ରହଣ ଓ କାର୍ଯ୍ୟକାରୀ କରିବାରେ ଲୋକମାନଙ୍କର ସଂପୃକ୍ତି ନିମ୍ନମତେ କାର୍ଯ୍ୟକରି ପାରିବ —

- ଏହା ଏକ ବିମୁଖ ଓ ଅପାରଗ ଅମଲାତନ୍ତ୍ର ଉପରେ ନିୟନ୍ତ୍ରଣ ରୂପେ କାର୍ଯ୍ୟ କରିବ । ଅନ୍ୟ ଅର୍ଥରେ କହିବାକୁ ଗଲେ ଲୋକମାନେ, ଶାସନକୁ ଠିକ୍ ସମୟରେ କାର୍ଯ୍ୟକ୍ଷମ କରିବା ପାଇଁ ଚାପ ସୃଷ୍ଟି କରିବେ ।



Notes

- ଏକ କାର୍ଯ୍ୟଦକ୍ଷ ଓ ଦାୟିତ୍ୱ ସମ୍ପନ୍ନ ଶାସନ ଗଠନରେ ସହାୟକ ହେବ ।
- ଉନ୍ନୟନ - ଶାସନ ଓ ସ୍ୱାୟତ୍ତ - ଶାସନ ପାଇଁ ମାଧ୍ୟମଭଳି କାମ କରିବ ।
- ସ୍ଥାନୀୟ ଉନ୍ନୟନ ପାଇଁ ସ୍ଥାନୀୟ ସମ୍ବଳକୁ ବିନିଯୋଗ କରିପାରିବ ।

କୌଣସି ସାମାଜିକ ସଂଗଠନ, ଚାପଗୋଷ୍ଠୀ ଓ ସ୍ୱାର୍ଥ ଗୋଷ୍ଠୀ କିମ୍ବା ରାଜନୈତିକ ଦଳ ବା ଜନମଙ୍ଗଳ ଅନୁଷ୍ଠାନର ସଦସ୍ୟ ହୋଇ ଲୋକମାନେ ଏହି ଭୂମିକା ଗ୍ରହଣ କରିପାରିବେ । ଅମଲାତନ୍ତ୍ର ଓ ଜାତୀୟ, ଆଞ୍ଚଳିକ ଓ ସ୍ଥାନୀୟ ସ୍ତରରେ ସରକାରର ଅଂଶ ହୋଇ ନାଗରିକମାନେ ମଧ୍ୟ ସୁଶାସନ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବେ । ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ମାଧ୍ୟମରେ, ପଞ୍ଚାୟତ, ନଗରପାଳିକା କିମ୍ବା ବିଭିନ୍ନ ଉପଦେଶାତ୍ମକ ସଂଗଠନ, କମିଟି ଓ ଅନୁଷ୍ଠାନ ସୃଷ୍ଟିକରି ସେଥିରେ ଲୋକମାନଙ୍କୁ ସଂପୃକ୍ତ କରିବା ପାଇଁ ଅନେକ ସରକାର ଚେଷ୍ଟିତ । ନାଗରିକମାନଙ୍କର ଆଶାକୁ ପୂରଣ କରିବା ପାଇଁ ଲୋକମାନେ ଏକ ନୀତିର ପ୍ରଣୟନ ପାଇଁ ସଂଗଠିତ ଭାବେ ଦାବି ଉପସ୍ଥାପନ କରିଥାନ୍ତି । ସେମାନେ ଲୋକମାନଙ୍କ ଭଲ ପାଇଁ ଉଦ୍ଦିଷ୍ଟ ନୀତିକୁ ସମର୍ଥନ ଦେବା ସହିତ ମନ୍ଦ ନୀତି ର ବିରୋଧ କରିଥାନ୍ତି । ଏହି ପରିପ୍ରେକ୍ଷରେ ନର୍ମଦା ବଞ୍ଚାଅ ଆନ୍ଦୋଳନ, ବଚପନ୍ ବଞ୍ଚାଅ ଆନ୍ଦୋଳୟ, ଲୋକ ଆଗ୍ରହ (Peoples initiative) ହେଲ୍‌ପ ଏଜ୍ ଇଣ୍ଡିଆ ଓ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଭଳି ଅନୁଷ୍ଠାନ ବିଷୟରେ କୁହାଯାଇପାରେ । ସରକାର ଓ ଶାସନର ସପକ୍ଷରେ ବା ବିଷୟରେ ଲୋକମତ ସୃଷ୍ଟି କରିବାରେ ଲୋକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମୟ ସମୟରେ ଲୋକମାନେ ସମାଜ ମାଧ୍ୟମରେ ଦ୍ୱନ୍ଦ୍ୱ ବା ସମାଜ ଓ ରାଷ୍ଟ୍ର ମଧ୍ୟରେ ଦ୍ୱନ୍ଦ୍ୱର ସମାଧାନ କରିବାରେ ଚେଷ୍ଟିତ ରୁହନ୍ତି । ଲୋକମାନଙ୍କ କ୍ରିୟା ଓ ପ୍ରତିକ୍ରିୟା ଓ ଭୂମିକାରେ ସମ୍ବନ୍ଧୀୟ ସମ୍ବାଦକୁ ସେମାନେ ଅମଲାତନ୍ତ୍ର ନିକଟରେ ପହଞ୍ଚାଇଥାନ୍ତି । ଏହି ବ୍ୟବସ୍ଥା ହେତୁ ଶାସନ ଗୋଷ୍ଠି ସ୍ଥିତିକୁ ସୁଧାରି ପାରି ଥାନ୍ତି । ଶିକ୍ଷାଗତ ମାନ, ସମ୍ବାଦ, ସରକାର ବିଷୟରେ ଜ୍ଞାନ, ରାଜନୈତିକ ଓ ଆର୍ଥିକ ଅବସ୍ଥା ଲୋକମାନଙ୍କର ଶାସନରେ ଅଂଶଗ୍ରହଣକୁ ପ୍ରଭାବିତ କରୁଥିବା ହେତୁ, ସ୍ଥାନୀୟ ଲୋକମାନଙ୍କ ମଧ୍ୟରୁ ଅନେକ ଶାସନବ୍ୟବସ୍ଥାର ବାହାରେ ରହିଯାଆନ୍ତି । ଏଣୁ ଆମ ଦେଶରେ, ନିଷ୍ପତ୍ତି ଗ୍ରହଣ ଓ ଉନ୍ନୟନ ଧାରାରେ ଦରିଦ୍ରଲୋକମାନଙ୍କ ସମ୍ପୃକ୍ତି ପାଇଁ ଅନେକ ବ୍ୟବସ୍ଥା କରାଯାଇଛି । ପଞ୍ଚାୟତିରାଜ ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାରେ ମହିଳାମାନଙ୍କ ପାଇଁ ଶତକଡ଼ା ୩୩.୩ ଆସନ ସଂରକ୍ଷଣ ଏଭଳି ଏକ ପଦକ୍ଷେପ । ସ୍ୱାୟତ୍ତ ଶାସନରେ ଅନୁସୂଚୀତ ଜାତି ଓ ଜନଜାତି ପାଇଁ ସେମାନଙ୍କର ସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣର ସୁବିଧା କରାଯାଇଛି । ଉଦାହରଣ ସ୍ୱରୂପ ଯଦି ଏକ ଜିଲ୍ଲାରେ ସମୁଦାୟ ଜନସଂଖ୍ୟାର ୨୦ ଶତାଂଶ ଅନୁସୂଚୀତ ଜାତିର ଲୋକମାନେ ରହିଛନ୍ତି, ତେବେ ଜିଲ୍ଲା ପରିଷଦରେ ସେମାନଙ୍କ ପାଇଁ ଶତକଡ଼ା ୨୦ ଆସନ ସଂରକ୍ଷିତ ରହିବ । ସେହିପରି ଯଦି ଗୋଟିଏ ଗ୍ରାମରେ ଜନସଂଖ୍ୟାର ଶତକଡ଼ା ୧ ହେଉଛନ୍ତି ଅନୁସୂଚୀତ ଜନଜାତିର ଲୋକ ତେବେ ଗ୍ରାମପଞ୍ଚାୟତରେ ସମୁଦାୟ ଆସନର ୧ ଶତାଂଶ ସେମାନଙ୍କ ପାଇଁ ସଂରକ୍ଷିତ ରହିବ । ପଛୁଆବର୍ଗର ଲୋକମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରାଜ୍ୟମାନେ କରିବେ । ତେବେ ଏହା କହିଲେ ଭୁଲ ହେବ ନାହିଁ ଯେ ଲୋକମାନଙ୍କର ସ୍ଥାନୀୟ ଶାସନରେ ଅଂଶଗ୍ରହଣ କ୍ଷେତ୍ରରେ ବ୍ୟବସ୍ଥା ଓ କାର୍ଯ୍ୟକାରିତା ମଧ୍ୟରେ ଅନେକ ତଫାତ୍ ରହିଛି । କେବଳ ସୃଷ୍ଟିମେୟ ଲୋକ କ୍ଷମତା ଲାଭ କରିଛନ୍ତି ।

## ୨୪.୫ ସୁଶାସନରେ କମ୍ପ୍ୟୁଟର ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଭୂମିକା :

ଏତେଗୁଡ଼ିକଏ ଆଲୋଚନାରୁ ଆମେ ଜାଣିଲେ ଯେ ଗୋଟିଏ ପକ୍ଷରେ ସୁଶାସନ ଲୋକ-କୈନ୍ଦ୍ରିକ ଓ କ୍ଷମତା-ବଣ୍ଟନର ବ୍ୟବସ୍ଥାରେ ବିଶ୍ୱାସ କରେ ଏବଂ ଅନ୍ୟ ପକ୍ଷରେ ଏହା ଲୋକାଭିମୁଖୀ, ସହଜରେ ପହଞ୍ଚ, ନୈତିକ, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ବ୍ୟବସ୍ଥାରେ ବିଶ୍ୱାସ କରେ । ଏହି ସୁଶାସନର ପ୍ରତିଷ୍ଠାରେ କମ୍ପ୍ୟୁଟର, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଦକ୍ଷ ଭୂମିକା ରହିଛି । ଏହାଦ୍ୱାରା —







- ଅଳ୍ପମୂଲ୍ୟରେ ଲୋକମାନଙ୍କୁ ସେବା ଯୋଗାଇ ହେବ ।
- ସୂଚନା ବିତରଣ ଦ୍ୱାରା ଲୋକମାନଙ୍କୁ କ୍ଷମତାଯୁକ୍ତ କରିହେବ ।
- ସରକାରଙ୍କ କାର୍ଯ୍ୟରେ ମୁକ୍ତତା ଓ ସ୍ୱଚ୍ଛତା ଆଣିହେବ ।
- ସରକାର ଓ ଲୋକମାନଙ୍କର କାର୍ଯ୍ୟଧାରାରେ ନୂତନ ଧାରଣା ଓ ଚିନ୍ତାଧାରାକୁ ଭର୍ତ୍ତିକରି ହେବ ।
- ନାଗରିକ ଓ ଶାସନ ମଧ୍ୟରେ ଫଳପ୍ରଦ ସମ୍ପର୍କ ସ୍ଥାପନ କରିହେବ ।
- ସରକାରଙ୍କର କାର୍ଯ୍ୟାବଳୀ ଉପରେ ସତର୍କ ଦୃଷ୍ଟି ରଖିହେବ ଓ ଏହାର ମୂଲ୍ୟାୟନ ହୋଇପାରିବ ।

କମ୍ପ୍ୟୁଟର ସହାୟତାରେ ଲୋକମାନେ ସରକାରଙ୍କର କାର୍ଯ୍ୟାବଳୀ, ବିଭିନ୍ନ ନିୟମକାନୁନ୍ ଏବଂ ଜନମଙ୍ଗଳ ଯୋଜନା ସମ୍ପର୍କରେ ଜାଣି ପାରିବେ । ଚାଷୀ ଓ ନାଗରିକମାନେ ଜଳବାୟୁ ଜନିତ ସୂଚନା ଜାଣିପାରିବେ । କୁହଯାଇଛି ଯେ ଏକ ନିଷ୍ପତ୍ତି ଦାତା ଓ ଗ୍ରହୀଣଙ୍କର ସାମନାସାମନି ସାକ୍ଷାତରୁ ଦୁର୍ନୀତିର ସୃଷ୍ଟି । କମ୍ପ୍ୟୁଟର୍ ବ୍ୟବହାର ଫଳରେ ଏହି ବ୍ୟକ୍ତିଗତ ସମ୍ପର୍କ କମିଯାଏ ଓ ଦୁର୍ନୀତିର ହ୍ରାସହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ଚାଷୀ ତା'ର ଜମି ପଟାର ନକଲ କମ୍ପ୍ୟୁଟରରୁ ପାଇଥାଏ; ଜଣେ ନାଗରିକ କାଉଣ୍ଟରକୁ ନଯାଇ ମଧ୍ୟ ତା'ର ଖଜଣା ଓ ବିଲ୍ ପାଉଣା ଭରିଥାଏ । ତାକୁ ନିଜର କାମଧନ୍ଦା ଛାଡି ଲମ୍ବାଧାଡ଼ିରେ ଠିଆ ହେବା ଦରକାର ପଡ଼େ ନାହିଁ । ଭାରତର ମଧ୍ୟ ପ୍ରଦେଶର ଧର୍ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜ୍ଞାନଦୂତ ଯୋଜନା ଏହି କମ୍ପ୍ୟୁଟର୍ ମାଧ୍ୟମରେ ପଞ୍ଜୀକରଣ କରାଯାଉଛି, ଜମିପଟାର ନକଲ ଯୋଗାଇ ଦିଆଯାଉଛି, କମ୍ ମୂଲ୍ୟରେ କୃଷିଜାତ ଦ୍ରବ୍ୟର ନିଲାମ କରାଯାଇପାରୁଛି । ଏହା ମାଧ୍ୟମରେ କରଜ ପାଇଁ ଯୋଗ୍ୟତା, ନିୟମାବଳୀ ଓ ଦରଖାସ୍ତ ଯୋଗାଇ ଦିଆଯାଉଛି, ଲୋକମାନଙ୍କ ଗୋଚରାର୍ଥେ ବିହନ, ସାର ଓ ଯନ୍ତ୍ରପାତିର ମୂଲ୍ୟ, ବିଜୁଳିକାଟର ନିର୍ଘଣ୍ଟ ଏବଂ ଡ଼ିଜେଲ୍ ମିଳିବାର ସୂଚନା ସମ୍ପର୍କରେ ଜଣାଇ ଦିଆଯାଉଛି । ଏହି ବ୍ୟବସ୍ଥା ଦ୍ୱାରା ଶାସନଗତ ବିଳମ୍ବ (ଯାହାକି ଦୁର୍ନୀତିର ଏକ ଉତ୍ସ) କୁ ହଟାଇ ଦିଆଯାଇପାରୁଛି । ଏହାଦ୍ୱାରା ସମୟ ଓ ଖର୍ଚ୍ଚକୁ କମାଇ ଦିଆଯାଇ ପାରୁଛି, ଏବଂ ଲୋକଙ୍କ ଦୁଆର ମୁହଁରେ ସୁବିଧାକୁ କମ୍ପ୍ୟୁଟରଦ୍ୱାରା ପହଞ୍ଚାଇ ଦିଆଯାଇପାରୁଛି । କର୍ଣ୍ଣାଟକ ସରକାର ଶିକ୍ଷାନୁଷ୍ଠାନରେ ନାମଲେଖାରେ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ, ଶିକ୍ଷକମାନଙ୍କ ଦରମା ପ୍ରଦାନ ପାଇଁ କମ୍ପ୍ୟୁଟରର୍ ବ୍ୟବହାର କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଦେଶନାମା କାର୍ଯ୍ୟକାରୀ କରାଯାଉଛି କି ନା ତାହା କମ୍ପ୍ୟୁଟର ମାଧ୍ୟମରେ ଜଣାପଡୁଛି ।

ନିର୍ବାଚନ ମଣ୍ଡଳୀର ପରିଚାଳନା ଏହାଦ୍ୱାରା କରାଯାଇପାରୁଛି ଏବଂ ସ୍ୱାସ୍ଥ୍ୟ, ବାସଗୃହ ଓ ଅନ୍ୟାନ୍ୟ ସାମାଜିକ ଜନମଙ୍ଗଳ କାର୍ଯ୍ୟକ୍ରମ ଉପରେ ତଥ୍ୟର ସାରାଂଶ ପ୍ରସ୍ତୁତ କରାଯାଇପାରୁଛି ।

କେରଳରେ 'FRIENDS' (Fast, Reliable, Instant, Effecient Network for Disbursement of Services) ନାମକ ଏକ ସଂସ୍ଥା କମ୍ପ୍ୟୁଟର ମାଧ୍ୟମରେ ଲେକମାନଙ୍କୁ ଅନେକ ଜନସେବା ଯୋଗାଇ ଦେଉଛି । କେନ୍ଦ୍ରସରକାରଙ୍କର ମଧ୍ୟ ରେଳବାଇ, ମାନବ ସମ୍ବଳ ବିକାଶ, ଗ୍ରାମ୍ୟ ଉନ୍ନୟନ, ଯୋଜନା ଆୟୋଗ ଓ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଭଳି ବିଭାଗ ଓ ମନ୍ତ୍ରଣାଳୟରେ କମ୍ପୁଟର ଦ୍ୱାରା ଶାସନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୪.୩

**ଶୂନ୍ୟସ୍ଥାନ ପୂରଣ କର :**

୧। __________ ମାଧ୍ୟମରେ ସୁଶାସନ ପ୍ରତିଷ୍ଠିତ ହୋଇପାରିବ ।

(ଲୋକଙ୍କ ସମ୍ପୃକ୍ତି / କେବଳ ଅମଲାତନ୍ତ୍ର)

୨। କମ୍ପ୍ୟୁଟରର ବ୍ୟବହାରଦ୍ୱାରା ସେବା ଯୋଗାଣ __________ ହୋଇଥାଏ । (ମହଙ୍ଗା / ଶସ୍ତା)

୩। ଭାରତର ମଧ୍ୟପ୍ରଦେଶରେ __________ ମାଧ୍ୟମରେ ଅନେକପ୍ରକାର ସେବା ଯୋଗାଇ ଦିଆଯାଇ ପାରୁଛି । (ଜ୍ଞାନଦୂତ ଯୋଜନା / ଜ୍ଞାନଦର୍ଶନ)

## ତୁମେ କ'ଣ ଶିଖିଲ

ତୁମେ ଏହି ଅଧ୍ୟାୟରେ ସୁଶାନର ଅର୍ଥ ଓ ଧାରଣା ବିଷୟରେ ଅବଗତ ହେଲ; ସୁଶାସନର ବୈଶିଷ୍ଟ୍ୟ ଏବଂ ଜାତୀୟ ଓ ନିମ୍ନସ୍ତର ମାନଙ୍କରେ ଏହାର ସ୍ଥିତିର ପରିବ୍ୟାପ୍ତି ବିଷୟରେ ଜାଣିଲ । ଜନସଂଖ୍ୟା ବୃଦ୍ଧି, ହିଂସା, ସନ୍ତ୍ରାସବାଦ ଓ ଦୁର୍ନୀତି ଯୋଗୁ ସୁଶାସନର ଆଦର୍ଶ ଓ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସମସ୍ୟା ବିଷୟରେ ଚିନ୍ତା କଲ । ଏହି ଅନ୍ତରାୟକୁ ହଟାଇବା ପାଇଁ ବିଭିନ୍ନ ସରକାର ନେଇଥିବା ପଦକ୍ଷେପ ବିଷୟର ମଧ୍ୟ ତୁମେ ଜାଣିଲ । ଉତ୍ତମ ଶାସନର ପ୍ରତିଷ୍ଠା ପାଇଁ ଲୋକମାନଙ୍କର ସମ୍ପୃକ୍ତି, ଦୁର୍ନୀତିର ପ୍ରତିରୋଧ ଓ କମ୍ପ୍ୟୁଟରର ବ୍ୟବହାର ଭୂମିକା ଉପରେ ବିଶେଷ ଭାବରେ ଅବଗତ ହେଲ ।

## ପାଠ୍ୟାନ୍ତ ଅଭ୍ୟାସ

୧। ସୁଶାସନର ଅର୍ଥ ଓ ଧାରଣା ବିଷୟରେ ଆଲୋଚନା କର ।

୨। ସୁଶାସନର ତିନୋଟି ଲକ୍ଷଣ ଚିହ୍ନଟ କର । ସୁଶାସନରେ ଉତ୍ତରଦାୟିତ୍ୱର ଗୁରୁତ୍ୱ ବିଶ୍ଳେଷଣ କର ।

୩। ସୁଶାସନର ପ୍ରମୁଖ ଅନ୍ତରାୟ ବିଷୟ ଆଲୋଚନା କର ।

୪। ସୁଶାସନର ପ୍ରତିଷ୍ଠା ପାଇଁ ଭାରତ ସରକାର ନେଇଥିବା ପଦକ୍ଷେପ ସବୁ ବର୍ଣ୍ଣନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୪.୧ :**

| | |
|---|---|
| ୧। (କ) କୌଶଳ (ଖ) ଗୁଣ | ୨। ପ୍ରଜାବତ୍ସଳ |
| ୩। ବିଶ୍ୱବ୍ୟାଙ୍କ୍ ରିପୋର୍ଟ ୧୯୮୯ ଓ ୧୯୯୨ | ୪। ଲୋକଙ୍କ ସମ୍ମତି । |

**୨୪.୨ :**

| | |
|---|---|
| ୧। ଅବୈଧ | ୨। ସଙ୍କୋଚତା |
| ୩। ସରଳୀକରଣ | ୪। କେରଳ |
| ୫। ଆଇନର ଶାସନ | |

**୨୪.୩ :**

| | |
|---|---|
| ୧। ଲୋକଙ୍କ ସମ୍ପୃକ୍ତି | ୨। ଶସ୍ତା |
| ୩। ଜ୍ଞାନଦୂତ ଯୋଜନା | |

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ଉପବିଭାଗ ୨୪.୧କୁ ଦେଖ ।

୨। ଉପବିଭାଗ ୨୪.୨କୁ ଦେଖ ।

୩। ଉପବିଭାଗ ୨୪.୩କୁ ଦେଖ ।

୪। ଉପବିଭାଗ ୨୪.୪କୁ ଦେଖ ।